# ସମ୍ବଲପୁର ମହାନଗର ନିଗମ
## ସମ୍ବଲପୁର

**Email id:** sambalpurm.hud@nic.in

**ନୋଟିସ ସଂଖ୍ୟା ୧୨୯୭୨** **ତାରିଖ ୨୮.୧୦.୨୦୨୫**

## ସର୍ବସାଧାରଣ ନୋଟିସ

ଅଦ୍ୟ ତା.୨୮.୧୦.୨୦୨୫ ରିଖରେ ବୁର୍ଲାରେ ଥିବା ୩୭ ଗୋଟି ଦୋକାନ ଗୃହ ଆବଣ୍ଟନ ପାଇଁ ସମ୍ବଲପୁର ମହାନଗର ନିଗମର ନୋଟିସ ସଂଖ୍ୟା ୧୨୮୫୨ ତା.୨୭.୧୦.୨୦୨୫ ରିଖ, ଅନୁଯାୟୀ ସମ୍ବଲପୁର ମହାନଗର କାର୍ଯ୍ୟାଳୟର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଲଟେରୀ ଉଠାଣ ପ୍ରକ୍ରିୟା ସ୍ଥିରୀକୃତ ହୋଇଥିଲା । ଯଦିଓ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୨୫୭୭ ତା.୧୭.୧୦.୨୦୨୫ ରିଖ ଅନୁସାରେ  ସମସ୍ତ ଆବେଦନକାରୀଙ୍କୁ ଆପତ୍ତି ଅଭିଯୋଗ ଓ ଦାବି ଉପସ୍ଥାପନ ପାଇଁ ସୁଯୋଗ ପ୍ରଦାନ କରାଯାଇଥିଲା କିନ୍ତୁ ଲଟେରୀ ଉଠାଣ ପୂର୍ବରୁ କିଛି ବ୍ୟକ୍ତି ଲଟେରୀ ପାଇଁ ଉଦ୍ଦିଷ୍ଟ ତାଲିକାରେ ତାଙ୍କର ନାମ ନଥିବା ଦର୍ଶାଇଥିଲେ ଓ ଉକ୍ତ ତାଲିକାରେ ତାଙ୍କ ନାମ ସାମିଲ କରିବା ପାଇଁ ଲିଖିତ ଆବେଦନ କରିଥିଲେ । ଲଟେରୀ ଉଠାଣ ପ୍ରକିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ତଥା କୌଣସି ଯୋଗ୍ୟ ବିବେଚିତ ବ୍ୟକ୍ତି ଯେପରି ଏହି ପ୍ରକ୍ରିୟାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସେମାନଙ୍କୁ ପୁନଃ ସୁଯୋଗ ପ୍ରଦାନ ପାଇଁ ଆଜିର ଲଟେରୀ ଉଠାଣ ପ୍ରକିୟାକୁ ସାମୟିକ ଭାବରେ ସ୍ଥଗିତ କରାଗଲା । **ପରବର୍ତ୍ତୀ ଲଟେରୀ ଉଠାଣ ତାରିଖ ଖୁବ ଶୀଘ୍ର ପ୍ରକାଶ ପାଇବ ।**

ପୁନଶ୍ଚ, **ଯଦି କାହାର କିଛି ଆପତ୍ତି, ଅଭିଯୋଗ ଥାଏ ତଥା ଯଦି କେହି ଯୋଗ୍ୟ ଦାବିଦାର ନିଜକୁ ବଞ୍ଚିତ ମନେକରୁ ଥାଆନ୍ତି ତେବେ ନିର୍ଦ୍ଧାରିତ ଆବେଦନ ଫର୍ମରେ ଦର୍ଶାଯାଇଥିବା ସର୍ତାବଳୀ ଅନୁସାରେ ତା.୦୪.୧୧.୨୦୨୫ ରିଖ ସୁଦ୍ଧା ତଥ୍ୟ ପ୍ରମାଣ ସହିତ ଲିଖିତ ଭାବରେ ଆବେଦନ କରିପାରିବେ । ଉକ୍ତ ବର୍ଣ୍ଣିତ ତାରିଖ ପରେ କୌଣସି ଆପତ୍ତି, ଅଭିଯୋଗ କିମ୍ବା ଦାବି ଗ୍ରହଣ କରାଯିବ ନାହିଁ ।**

**ସମସ୍ତ ଆବେଦକ ଓ ଜନସାଧାରଣଙ୍କୁ ଅନୁରୋଧ, କୌଣସି ଭ୍ରାନ୍ତ ଖବର କିମ୍ବା ଗୁଜବ କୁ ବିଶ୍ୱାସ ନ କରି ପ୍ରକୃତ ସୂଚନା ଓ ସମ୍ପୂର୍ଣ୍ଣ ତଥ୍ୟ ପାଇଁ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ ୱେବସାଇଟ ଦେଖନ୍ତୁ ।**

ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

ଜ୍ଞାପକ ସଂଖ୍ୟା **୧୨୯୬୩** ତାରିଖ **୨୮.୧୦.୨୦୨୫**

ଏହାର ଏକକିତା ନକଲ ବୃହତ୍ ପ୍ରଚାର ପାଇଁ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସମ୍ବଲପୁର ଙ୍କୁ ପ୍ରେରଣ କରାଗଲା। ଏହି ନୋଟିସର ବୃହତ୍ ପ୍ରଚାର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଝୁଲାଇବା ପାଇଁ ଅନୁରୋଧ କରାଗଲା।

ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

ଜ୍ଞାପକ ସଂଖ୍ୟା **୧୨୯୬୪** ତାରିଖ **୨୮.୧୦.୨୦୨୫**

ଏହାର ଏକକିତା ନକଲ ତହସିଲଦାର, ସଦର, ସମ୍ବଲପୁର/ଉପଜିଲ୍ଲାପାଳ, ସଦର, ସମ୍ବଲପୁରଙ୍କୁ ପ୍ରେରଣ କରାଗଲା।ଏହି ନୋଟିସର ବୃହତ୍ ପ୍ରଚାର ପାଇଁ ନିଜ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଝୁଲାଇବା ପାଇଁ ଅନୁରୋଧ କରାଗଲା।

ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

ଜ୍ଞାପକ ସଂଖ୍ୟା **୧୨୯୬୫** ତାରିଖ **୨୮.୧୦.୨୦୨୫**

ଏହାର ଏକକିତା ନକଲ ପୁରୁଣା NAC କାର୍ଯ୍ୟାଳୟ, ବୁର୍ଲାର ନୋଟିସ ବୋର୍ଡରେ ଝୁଲାଇବା ପାଇଁ ଟିକସ ଅସୁଲକାରୀ, ବୁର୍ଲା ଙ୍କୁ ପ୍ରେରଣ କରାଗଲା।

ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର